# 22nd Meeting of the Working Mechanism for Consultation & Coordination on India-China Border Affairs

June 25, 2021

## ଭାରତ-ଚୀନ ସୀମା ମାମଲା ଉପରେ ବିଚାର ବିମର୍ଷ ଓ ସମନ୍ୱୟ ରକ୍ଷା ପାଇଁ ୱାର୍କିଂ ମେକାନିଜିମର 22ତମ ବୈଠକ

**ଜୁନ 25, 2021**

1. ଭାରତ-ଚୀନ ସୀମା ମାମଲା (ଡବ୍ଲୁଏମସିସି) ଉପରେ ବିଚାର ବିମର୍ଷ ଓ ସମନ୍ୱୟ ରକ୍ଷା ପାଇଁ ୱାର୍କିଂ ମେକାନିଜିମର 22ତମ ବୈଠକ 25 ଜୁନ 2021ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ (ପୂର୍ବ ଏସିଆ) ନେଇଥିବାବେଳେ ଚୀନ ବୈଦେଶିକ ମନ୍ତ୍ରଣାଳୟର ସୀମା ଓ ମହାସାଗରୀୟ ବିଭାଗର ମହାନିର୍ଦ୍ଦେଶକ ଚୀନ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

2. ଭାରତ-ଚୀନ ସୀମା ଅଞ୍ଚଳର ପଶ୍ଚିମ କ୍ଷେତ୍ରରେ ଥିବା ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ପରିସ୍ଥିତି ଉପରେ ଉଭୟ ପକ୍ଷ ମଧ୍ୟରେ ଖୋଲାଖୋଲି ଭାବରେ ମତ ବିନିମୟ ହୋଇଥିଲା। ସେପ୍ଟେମ୍ବର 2020ରେ ଦୁଇ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଦୃଷ୍ଟିରେ ରଖି ପୂର୍ବ ଲଦାଖରେ ଏଲଏସି ନିକଟରେ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନର ଆବଶ୍ୟକତା ଉପରେ ଉଭୟ ପକ୍ଷ ସହମତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ବିବାଦୀୟ ସ୍ଥାନରୁ ସମ୍ପୂର୍ଣ୍ଣ ଭାବରେ ସୈନ୍ୟ ପ୍ରତ୍ୟାହାର ପାଇଁ ପାରସ୍ପରିକ ଗ୍ରହଣୀୟ ସମାଧାନରେ ପହଞ୍ଚିବା ପାଇଁ କୂଟନୈତିକ ଓ ସାମରିକ ମେକାନିଜିମ ମାଧ୍ୟମରେ କଥାବାର୍ତ୍ତା ଏବଂ ଯୋଗାଯୋଗ ଜାରି ରଖିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ ଯାହା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କରେ ଅଗ୍ରଗତି କରିବାକୁ ଶାନ୍ତି ଓ ସ୍ଥିରତାର ସମ୍ପୂର୍ଣ୍ଣ ପୁନରୁଦ୍ଧାର ସୁନିଶ୍ଚିତ ହୋଇପାରିବ। ସେମାନେ ମଧ୍ୟ ସହମତ ହୋଇଥିଲେ ଯେ ଅନ୍ତରୀଣ ସମୟରେ ଉଭୟ ପକ୍ଷ ଭୂମି ସ୍ତରରେ ସ୍ଥିରତା ବଜାୟ ରଖିବା ସହିତ କୌଣସି ଅଘଟଣକୁ ରୋକିବେ।

3. ବର୍ତ୍ତମାନ ପ୍ରଚଳିତ ଦ୍ୱିପାକ୍ଷିକ ଚୁକ୍ତିନାମା ଓ ପ୍ରୋଟୋକଲ ଅନୁଯାୟୀ ପଶ୍ଚିମ କ୍ଷେତ୍ରରେ ଥିବା ଏଲଏସି ନିକଟରେ ସମସ୍ତ ବିବାଦୀୟ ସ୍ଥାନରୁ ସମ୍ପୂର୍ଣ୍ଣ ଭାବରେ ସୈନ୍ୟ ପ୍ରତ୍ୟାହାର ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ପକ୍ଷ ବରିଷ୍ଠ କମାଣ୍ଡରସ୍ତରୀୟ ବୈଠକର ଦ୍ୱାଦଶ ପର୍ଯ୍ୟାୟକୁ ଶୀଘ୍ର ଆୟୋଜନ କରିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ଜୁନ 25, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.